ପ୍ରମେୟ ୪ • ଶୁକ୍ରବାର • ୩୧ ଜାନୁଆରୀ ୨୦୧୪


# ପ୍ରଶାସନିକ ଉଦାସୀନତାରୁ ଆଗେଇ ପାରୁନି ନିର୍ମଳ ଭାରତ ଅଭିଯାନ




ଧର୍ମଶାଳା,୩୦।୧(ଆପ୍ର): ଧର୍ମଶାଳା ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପଲ୍ଲିଶ୍ରୀ ପକ୍ଷରୁ ଜାରକାଠାରେ ଜଳ ପରିମଳ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅକ୍ସଫାମ ଇଣ୍ଡିଆ ସହାୟତାରେ ଆୟୋଜିତ ଏହି କର୍ମଶାଳାରେ ଯାଜପୁର ଜିଲ୍ଲା ଜଳ ପରିମଳ ମିଶନର ପରାମର୍ଶଦାତା ସୁବାଷ ବେହୁରିଆ, ଜାତୀୟ ସ୍ୱାସ୍ଥ୍ୟ ମିଶନ ରୋଗ ନିରୀକ୍ଷଣ ଅଧିକାରୀ ଡାକ୍ତର ଆରୁପ ଅଭିଷେକ ପ୍ରମୁଖ ଯୋଗଦେଇ କହିଥିଲେ ଯେ, ୨୦୨୨ ମସିହା ସୁଦ୍ଧା ଘରେଘରେ ପାଣି ଓ ପାଇଖାନା ସୁବିଧା ଯୋଗାଇ ଦେବା ନିମନ୍ତେ ୨୦୧୨ ମସିହାଠାରୁ ନିର୍ମଳ ଭାରତ ଅଭିଯାନ ଆରମ୍ଭ ହୋଇଛି। ଏଥି ନିମନ୍ତେ ପ୍ରତି ଜିଲ୍ଲାରେ ଜଳ ପରିମଳ ମିଶନ ଗଠନ କରାଯାଇଛି। କାର୍ଯ୍ୟକ୍ରମକୁ ଆଗେଇ ନେବା ନିମନ୍ତେ ବ୍ୟାପକ ଅର୍ଥ ବ୍ୟୟ ବରାଦ କରାଯାଇଛି। ମାତ୍ର ପ୍ରଶାସନିକ ଉଦାସୀନତା ପାଇଁ ଏହି କାର୍ଯ୍ୟକ୍ରମ ଜିଲ୍ଲାରେ ଆଗେଇ ପାରୁ ନାହିଁ। ଲୋକଙ୍କୁ ସଚେତନତା କରାଇବା ପାଇଁ ପ୍ରାୟ ଦେଢ କୋଟି ଟଙ୍କା ଉପଲବ୍ଧ ଥିଲେ ମଧ୍ୟ ଯୋଜନା ଅଭାବରୁ ତାହା କାର୍ଯ୍ୟକାରୀ ହେଇପାରୁ ନାହିଁ। ଅତୀତରେ ପାଇଖାନା-ନିର୍ମାଣ ଦାୟିତ୍ୱ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ଦିଆଯାଇଥିଲା ବେଳେ ବର୍ତ୍ତମାନ ସେମାନଙ୍କୁ ଦୂରେଇ ରଖାଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଚନ୍ଦ୍ରଶେଖର ବେହେରା, ପହଲ୍ଲାଦ ପଣ୍ଡା, ଅମୂଲ୍ୟ ପତି, ରବିନ୍ଦ୍ର ମଲିକ, ହେମନ୍ତ ଦୋରା, ଗୋଲଖ ଚନ୍ଦ୍ର ପଲେଇ, ଲକ୍ଷ୍ମୀଧର ସାହୁ, ବିକାଶ ବିଶ୍ୱାଳ, ଶତ୍ରୁଘ୍ନ ମଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଯାଜପୁର ଜିଲ୍ଲା ଜଳ ପରିମଳ ମଞ୍ଚଗଠନ କରାଯାଇଥିଲା। ପଲ୍ଲିଶ୍ରୀର ସଂଯୋଜକ ପବିତ୍ର କୁମାର ସ୍ୱାଇଁ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବାବେଳେ ସୁବ୍ରତ ପଢିଆରୀ ଧନ୍ୟବାଦ ଦେଇଥିଲେ।

ଓଡ଼ିଶା ଭାସ୍କର ଫେବ୍ରୁଆରୀ ୧/୨୦୧୪

# ଜାରକାରେ ଜଳ ପରିମଳ କର୍ମଶାଳା




ଧର୍ମଶାଳା, (ଆ.ପ୍ର): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ କ୍ଲବ ଦି ଯୁବଶକ୍ତି ପରିସରରେ ଏକ ଜିଲ୍ଲାସ୍ତରୀୟ ଜଳ ପରିମଳ ସଚେତନତା କର୍ମଶାଳା ଆଜି ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପଲ୍ଲିଶ୍ରୀ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଅନୁଷ୍ଠାନ ପୂର୍ବତନ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ଜଳ ପରିମଳ ମିଶନର ପରାମର୍ଶଦାତା ସୁବାସ ଚନ୍ଦ୍ର ବେହୁରୀଆ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଡ଼ା. ଅରୁପ ଅଭିଷେକ, ସାମ୍ବାଦିକ ଅମୂଲ୍ୟ ପତି ପ୍ରମୁଖ ଯୋଗ ଦେଇ ନିର୍ମଳ ଭାରତ ଅଭିଯାନକୁ କିପରି ସଫଳ କରାଯାଇପାରିବ ତା ଉପରେ ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥିବା ବେଳେ ସରକାର ଏହି ଯୋଜନାରେ ପର୍ଯ୍ୟାପ୍ତ ପରିମାଣ ଅର୍ଥ ବ୍ୟୟବରାଦ କରି ମଧ୍ୟ ପ୍ରଶାସନିକ ଅଧିକାରୀମାନଙ୍କ ଉଦାସୀନତା ପାଇଁ ସଫଳ ରୂପାୟନ ହୋଇ ପାରୁନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ପଲ୍ଲିଶ୍ରୀର ସଂଯୋଜକ ପବିତ୍ର କୁମାର ସ୍ୱାଇଁ କର୍ମଶାଳାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅକ୍ସଫାମ୍ ଇଣ୍ଡିଆ ସହାୟତାରେ ଆୟୋଜିତ ଏହି କର୍ମଶାଳାରେ ସର୍ବଶ୍ରୀ ଚନ୍ଦ୍ର ଶେଖର ବେହେରା, ପ୍ରହଲ୍ଲାଦ ପଣ୍ଡା, ରବିନ୍ଦ୍ର ମଲ୍ଲିକ, ଗୋଲଖ ଚନ୍ଦ୍ର ପଲେଇ, ସୁଧାଂଶୁ ଶେଖର ପାଢ଼ୀ, ଶତ୍ରୁଘନ ମଲ୍ଲିକ, ହେମନ୍ତ ଦୋରା, ଲକ୍ଷ୍ମୀଧର ସାହୁ, ବିକାଶ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ନିଜନିଜର ମତାମତ ରଖିଥିଲେ। ଏହି ଅବସରରେ ଜିଲ୍ଲାରେ ଏକ ଜଳ ପରିମଳ ମଞ୍ଚ ଗଠନ କରାଯାଇଅଛି। ଜିଲ୍ଲା ଆବାହକ ରୂପେ ସୁଧାଂଶୁ ଶେଖର ପାଢ଼ୀ ମନୋନୀତ ହୋଇଛନ୍ତି। ଶେଷରେ ସୁବ୍ରତ କୁମାର ପଢ଼ିହାରୀ ଧନ୍ୟବାଦ ଦେଇଥିଲେ।